# NATIONAL NEWS BULLETIN (ODIA)

## 14 July - 2025

## Morning Bulletin : 7.15 A.M.

**********************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ।

- ଆଜିଠାରୁ ଦୁଇ ଦିନିଆ ଚୀନ୍ ଗସ୍ତରେ ଯିବେ ବୈଦେଶିକ ମନ୍ତ୍ରୀ ।

- ଏକ୍ସିଓମ୍ ଫୋର୍ ମିଶନ୍‌ର ଚାରି ଜଣ ଯାକ କ୍ରୁ ସଦସ୍ୟଙ୍କର ଆଜିଠାରୁ ଆରମ୍ଭ ହେବ ମହାକାଶରୁ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ ।

- ତିନି ଦିନିଆ ସାଉଦିଆରବ ଗସ୍ତ ସଫଳତାର ସହ ଶେଷ କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ।

ଏବଂ

- ଲର୍ଡସ୍ ଟେଷ୍ଟରେ ବିଜୟ ପାଇଁ ଆଜିର ଅନ୍ତିମ ଦିବସରେ ଭାରତ ଛଅଟି ୱିକେଟ୍ ହାତରେ ଥାଇ ଆବଶ୍ୟକ କରୁଛି ୧୩୫ରନ୍ ।

## ପ୍ରେଜ୍-ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି । ସନ୍ଧ୍ୟାରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମସ୍‌ର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ । ଆସନ୍ତାକାଲି ପୂର୍ବାହ୍ଣରେ ରାଷ୍ଟ୍ରପତି ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଏହାପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର କେତେକ ବିକାଶ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । କଟକ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ରାଷ୍ଟ୍ରପତି ଯୋଗଦେବା ସହିତ କଳିଙ୍ଗରତ୍ନ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏହିସବୁ କାର୍ଯ୍ୟକ୍ରମ ଶେଷ କରି ରାଷ୍ଟ୍ରପତି ଆସନ୍ତାକାଲି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## ଜୟଶଙ୍କର-ଚାଇନା

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଦୁଇ ଦିନିଆ ଚୀନ୍ ଗସ୍ତରେ ଯିବେ । ତିଆନ୍‌ଜିନ୍ ସହରରେ ସେ ଆସନ୍ତାକାଲି ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ଯୋଗଦେବେ । ଏସ୍.ସି.ଓ. ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ

ସହଯୋଗ ତଥା ଆଞ୍ଚଳିକ ଏବଂ ବୈଶ୍ୱିକ କ୍ଷେତ୍ର ନେଇ ସେମାନଙ୍କ ମଧ୍ୟରେ ମତବିନିମୟ ହେବାର ଆଶା କରାଯାଉଛି ।

ଚୀନ୍ ଏବେ ଏସ୍.ସି.ଓ. ସଂଗଠନର ଅଧ୍ୟକ୍ଷତା ଦାୟିତ୍ୱ ନିର୍ବାହ କରୁଛି । ଅନ୍ୟ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଭାରତ, ରୁଷ, ଇରାନ୍, କାଜାଖିସ୍ତାନ, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଏବଂ ବେଲାରୁଷ ସଦସ୍ୟ ଅଛନ୍ତି ।  ଏହି ବୈଠକ ଅବସରରେ ଶ୍ରୀ ଜୟଶଙ୍କର ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଏବଂ ଦୀର୍ଘ ସମୟ ଧରି ରହିଥିବା ସୀମା ବିବାଦର ସମାଧାନ ଲକ୍ଷ୍ୟ ନେଇ ଶ୍ରୀ ଜୟଶଙ୍କର ତାଙ୍କ ଚୀନ୍ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ ।

୨୦୨୦ ମସିହାରେ ପୂର୍ବ ଲଦାଖରେ ପ୍ରକୃତ ନିୟନ୍ତ୍ରଣରେଖା ନିକଟ ଉଭୟ ଦେଶ ମଧ୍ୟରେ ସାମରିକ ସ୍ତରରେ ମୁହାଁମୁହିଁ ପରେ ଡକ୍ଟର ଜୟଶଙ୍କରଙ୍କର ଏହା ହେଉଛି ପ୍ରଥମ ଚୀନ୍ ଗସ୍ତ ।

## ଏକ୍ସିଓମ୍ ଫୋର୍

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅକ୍ସିଓମ୍ ଫୋର୍ ମିଶନ୍‌ର ଅନ୍ୟ ତିନି ଜଣ କ୍ରୁ ସଦସ୍ୟଙ୍କର ଆଜି ମହାକାଶରୁ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତୀୟ ସମୟ ଅପରାହ୍ଣ ସାଢ଼େ ୪ଟାରେ ଆଜି ଅନ୍‌ଡକିଙ୍ଗ୍ କାର୍ଯ୍ୟ ଆରମ୍ଭ ହେବ । କ୍ରୁ

ସଦସ୍ୟମାନେ ଆସନ୍ତାକାଲି ଭାରତୀୟ ସମୟ ପ୍ରାୟ ଅପରାହ୍ଣ ୩ଟାରେ ଭୂପୃଷ୍ଠରେ ପହଞ୍ଚିବେ ବୋଲି ସେ କହିଛନ୍ତି । ଅବତରଣ ପରେ କ୍ରୁ ସଦସ୍ୟଙ୍କୁ ଫ୍ଲାଇଟ୍ ସର୍ଜନ୍‌କ ତତ୍ତ୍ୱାବଧାନରେ ୭ ଦିନ ପାଇଁ ପୁନର୍ବାସରେ ରଖାଯିବ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହିତ ଖାପ ଖୁଆଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯିବ ।

ଗ୍ରୁପ୍ କ୍ୟାପ୍‌ଟେନ୍ ଶ୍ରୀ ଶୁକ୍ଳା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ୧୪ ଦିନ ଧରି ରହିଛନ୍ତି । ମହାକାଶ କେନ୍ଦ୍ରକୁ ଯିବାରେ ସେ ପ୍ରଥମ ଭାରତୀୟ । ୧୯୮୪ ମସିହାରେ ମହାକାଶକୁ ଯାଇଥିବା ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଶ୍ରୀ ଶୁକ୍ଳା ହେଉଛନ୍ତି ଦ୍ୱିତୀୟ ମହାକାଶଚାରୀ । ମହାକାଶ କେନ୍ଦ୍ରରେ ଅବସ୍ଥାନ ସମୟରେ ଭାରତ ଆଧାରିତ ୭ଟି ବିଶେଷ ପରୀକ୍ଷଣରେ ଶ୍ରୀ ଶୁକ୍ଳା ସାମିଲ ଥିଲେ ।

ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ଶ୍ରୀ ଶୁକ୍ଳାଙ୍କ ପିତା ଶମ୍ଭୁ ଦୟାଲ କହିଛନ୍ତି, ସୁରକ୍ଷିତ ଭାବେ କ୍ରୁ ସଦସ୍ୟମାନେ ଭୂପୃଷ୍ଠରେ ପହଞ୍ଚନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ।

**V/O-SHAMBHU-SHUKLA---AXIOM-4**

# ଛତିଶଗଡ଼ ଆସେମ୍ବ୍ଲି

ଛତିଶଗଡ଼ ବିଧାନସଭାର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୫ଟି ବୈଠକ ବସିବାର କାର୍ଯ୍ୟସୂଚୀ ରହିଛି । ଏହି

ଅବସରରେ କେତେକ ସଂଶୋଧିତ ବିଲ୍ ଆଗତ ହେବାର ଆଶା କରାଯାଉଛି ।

## ଅମରନାଥ ଯାତ୍ରା

ଚଳିତ ବର୍ଷର ଅମରନାଥ ତୀର୍ଥ ଯାତ୍ରୀଙ୍କ ସଂଖ୍ୟା ଗତକାଲି ସୁଦ୍ଧା ୨ ଲକ୍ଷକୁ ଅତିକ୍ରମ କରିଛି । କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ପବିତ୍ର ଗୁମ୍ଫାରେ ଗତକାଲି ୧୭ ହଜାରରୁ ଅଧିକ ତୀର୍ଥ ଯାତ୍ରୀ ମହାଦେବଙ୍କର ଦର୍ଶନ କରିଛନ୍ତି । ମୋଟ୍ ଦର୍ଶନାର୍ଥୀଙ୍କ ସଂଖ୍ୟା ଗତକାଲି ସୁଦ୍ଧା ୨ ଲକ୍ଷ ୬୩ରେ ପହଞ୍ଚିଛି ।

## ଜେପି ନଡ୍ଡା-କ୍ୟାପ୍ସୁଲ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରୀ ଜେ.ପି. ନଡ୍ଡା ତାଙ୍କର ତିନି ଦିନିଆ ସାଉଦିଆରବ ଗସ୍ତ ସଫଳତାର ସହ ଶେଷ କରିଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ୍....

## ଉଲ୍ଫା କିଲ୍ଡ

ମ୍ୟାଁମାର୍‌ରେ ନିଷିଦ୍ଧ ଘୋଷିତ ବିଦ୍ରୋହୀ ଗୋଷ୍ଠୀ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ଆସମ୍ ଇଣ୍ଡିପେଣ୍ଡେଣ୍ଟ୍ ଉଲ୍ଫା-ଆଇ'ର ତିନି ଜଣ

ପ୍ରମୁଖ ନେତାଙ୍କୁ ହତ୍ୟା କରାଯାଇଛି । ଏହି ଗୋଷ୍ଠୀର ମ୍ୟାଁମାର୍ ସ୍ଥିତ ପୂର୍ବତଟ ମୁଖ୍ୟାଳୟରେ ଗତକାଲି ପ୍ରତ୍ୟୁଷରେ ଭାରତୀୟ ସେନା ଡ୍ରୋନ୍ ଆକ୍ରମଣ କରିଥିଲା ବୋଲି ଏହି ଗୋଷ୍ଠୀ ପକ୍ଷରୁ ଦାବି କରାଯାଇଛି । ମୋଟ୍ ୧୯ ଜଣ କ୍ୟାଡରଙ୍କୁ ହତ୍ୟା କରାଯାଇଥିବା ବେଳେ ଅନ୍ୟ ୧୯ ଜଣ ଆହତ ହୋଇଥିବା ଏହି ଗୋଷ୍ଠୀ ପକ୍ଷରୁ ସୂଚନା ଦିଆଯାଇଛି ।

ବିଦ୍ରୋହୀ ଗୋଷ୍ଠୀର ଆତ୍ମଘୋଷିତ ଲେଫ୍ଟନାଣ୍ଟ ଜେନେରାଲ୍ ନୟନ ମେଧି ତଥା ନୟନ ଅସମଙ୍କ ଶେଷ କୃତ୍ୟ ସମୟରେ ଆକ୍ରମଣ ଦ୍ୱାରା ବିଦ୍ରୋହୀ ଗୋଷ୍ଠୀର ଅନ୍ୟତମ ସଦସ୍ୟ ଆତ୍ମଘୋଷିତ ବ୍ରିଗେଡିୟର୍ ଗଣେଶ ଅସମ ଏବଂ କର୍ଣ୍ଣେଲ ପ୍ରଦୀପ ଅସମଙ୍କର ମୃତ୍ୟୁ ହୋଇଥିବା ଏହି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟ ପକ୍ଷରେ ଭାରତୀୟ ସେନା ଏପରି ଦାବିକୁ ଖଣ୍ଡନ କରିଛି । ପ୍ରତିରକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏପରି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ଭାରତୀୟ ସେନା ପାଖରେ କିଛି ଖବର ନାହିଁ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ରାଜ୍ୟ ପୁଲିସ୍ ମଧ୍ୟ ଏହି ଘଟଣାରେ ଜଡ଼ିତ ନାହିଁ । ଆସାମରୁ ସେଭଳି କୌଣସି ଆକ୍ରମଣ କରାଯାଇ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବର୍ଷା ଜଳ ସଞ୍ଚୟ ଏବଂ ଜଳ ସଂରକ୍ଷଣରେ ଏହାର**

**ଭୂମିକା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ୍‌ର ପୂର୍ବତନ ମହାନିର୍ଦ୍ଦେଶକ ଜି ଅଶୋକ କୁମାର ଏବଂ ପରିବେଶବିତ୍ ଡକ୍ଟର ଅରବିନ୍ଦ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# କ୍ରିକେଟ୍

ଲଡସ୍ ଟେଷ୍ଟର ଅନ୍ତିମ ଦିବସରେ ଆଜି ଭାରତ ଗତକାଲିର ଦ୍ୱିତୀୟ ଇନିଂସ ସ୍କୋର ୪ ୱିକେଟ୍‌ରେ ୫୮ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଏହି ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୧୯୨ରନ୍‌ରେ ଶେଷ ହୋଇଥିଲା । ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ବୁମ୍‌ରା ଏବଂ ସିରାଜ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ତେବେ ଦ୍ୱିତୀୟ ଇନିଂସରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଜୟସ୍ୱାଲ୍ କୌଣସି ରନ୍ ନ କରି ଆଉଟ୍ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କରୁଣ ନାୟର, ଶୁଭମନ ଗିଲ୍ ଏବଂ ଆକାଶଦୀପ ସିଂହ ଆଉଟ୍ ହୋଇଛନ୍ତି । ଆଜି ୯୦ ଓଭର ଏବଂ ୨ଟି ବଲ୍‌ରେ ଭାରତ ବିଜୟ ପାଇଁ ୧୩୫ରନ୍ ଆବଶ୍ୟକ କରୁଥିବା ବେଳେ

ଇଂଲଣ୍ଡ ୬ଟି ଓ୍ୱିକେଟ୍ ଅକ୍ତିଆର କରିବାକୁ ଚେଷ୍ଟା କରିବ । ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଛନ୍ତି ।

## ଓ୍ୱିମ୍ବଲଡନ୍

ଓ୍ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାରେ ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଜାନିକ୍ ସିନର୍ ଟାଇଟଲ ହାସଲ କରିଛନ୍ତି । ଲଣ୍ଡନର ଅଲ୍ ଇଂଲଣ୍ଡ କ୍ଲବ୍‌ରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସିନର୍ ପୂର୍ବତନ ଚାମ୍ପିୟନ୍ କାର୍ଲୋସ୍ ଆଲ୍‌କାରାଜଙ୍କୁ ପରାସ୍ତ କରି ପ୍ରଥମ ଓ୍ୱିମ୍ବଲଡନ୍ ଟାଇଟଲ ହାସଲ କରିଛନ୍ତି । ଓ୍ୱିମ୍ବଲଡନ୍‌ର ୧୪୮ ବର୍ଷର ଇତିହାସରେ ଏହି ଟାଇଟଲ ହାସଲ କରି ସିନର ପ୍ରଥମ ଇଟାଲୀୟ ଖେଳାଳି ହୋଇଛନ୍ତି ।

## ଆଇଏମ୍‌ଡି

ରାଜସ୍ଥାନ, ଗାଙ୍ଗେୟ ପଶ୍ଚିମବଙ୍ଗ, ଗୁଜରାଟ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମ ମଧ୍ୟପ୍ରଦେଶର କେତେକ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଆଗାମୀ ତିନି ଦିନ ମଧ୍ୟରେ ଦିଲ୍ଲୀ, ଚଣ୍ଡିଗଡ଼, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଅନ୍ୟ ପକ୍ଷରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ

ଏବଂ କରିକାଲରେ ଆଜି ପ୍ରବଳ ଗରମ ସହ ଆଦ୍ର ପରିସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ କହିଛି ।